

# ବେସରକାରୀ ଓସ୍ତାଦ୍


ଦିନେ—
ଓସ୍ତାଦ୍‌ଜ୍ଞାନୀ, ଆପଣ ମୋର ଶିକାର ଯାତ୍ରାକୁ ଏକ ଆର୍ଥିକ ଅଭିଯାନରେ ପରିଣତ କରିଦେଲେ!
ମହାରାଜ, ବିନମ୍ରତାର ସହିତ ମୁଁ ମୋର ଅନୁଭୂତି ଓ ଜ୍ଞାନ କଥା କହିବାକୁ ଚାହେଁ ।
ଓସ୍ତାଦ୍‌ଜୀ, ମୁଁ ମସଲା ବେପାରରେ ଟଙ୍କା ଲଗାଇବି କି ?
ହୁଁଉଁଉଁ.. ମସଲା ବେପାରରେ ଭବିଷ୍ୟତ ନାହିଁ, ବନ୍ଧୁ ।
ସତରେ ?! କିନ୍ତୁ ଏଥିରୁ ଭାଗ୍ୟ ଫିଟିଯାଏ ବୋଲି ମୁଁ ଶୁଣିଛି ।
ମହାରାଜ, ମୋର କୁହୁକ ପଥରଗୁଡ଼ିକ କେବେ ମିଛ କହେ ନାହିଁ। ଆପଣଙ୍କ ଅର୍ଥକୁ 'ଛାୟା ଭିତ୍ତିଭୂମି ପାଣ୍ଠି' କିମ୍ବା 'ଜୀବନ-ପାଇଁ-ଲୌହ' ପ୍ରକଳ୍ପରେ ବିନିଯୋଗ କରିବା ଭଲ ହେବ ।
ବାସ୍ତବରେ, ଯଦି ଆପଣ ମୋତେ ଅନୁମତି ଦିଅନ୍ତି, ଆପଣଙ୍କ ଅର୍ଥ ବିନିଯୋଗ କରିବା ମୋ ପାଇଁ ସମ୍ମାନର କଥା ହେବ । ତାହା ବି କୌଣସି ଅତିରିକ୍ତ ଦେୟ ବିନା !
ଧନ୍ୟବାଦ, ଓସ୍ତାଦ୍‌ଜୀ । ସତେ ମୁଁ ଆଗରୁ ଆପଣଙ୍କୁ ଭେଟି ପାରିଥାଆନ୍ତି କି ।
ଏବେ ବି ଆପଣଙ୍କ ଅର୍ଥ ଲଗାଣକୁ ସୁରକ୍ଷିତ ରଖିବାରେ ବିଳମ୍ବ ହୋଇନାହିଁ ।
ଯାଦୁକରୀ ପରାମର୍ଶ ଓ କୌଶଳ...କୌଣସି ଯୋଜନା ଅପେକ୍ଷା ଠକେଇ ଭଳି ବେଶୀ ଲାଗୁଛି ।


ଓସ୍ତାଦ୍‌ଜୀ, ଆପଣ କେଉଁ ସ୍କୁଲରୁ ଆପଣଙ୍କର ଆର୍ଥିକ ଶିକ୍ଷାଲାଭ କରିଥିଲେ ?
ମନ୍ତ୍ରୀଜୀ, ଅଦୃଶ୍ୟ ଶକ୍ତିମାନେ ମୋତେ ଏକ ଦିବ୍ୟଦୃଷ୍ଟିର ଆଶୀର୍ବାଦ ଦେଇଛନ୍ତି । ଏହାରି ବଳରେ ମୁଁ ଆଗତୁରା ନିର୍ଭୁଲ ଭାବରେ ଲାଭ ଓ କ୍ଷତି କଥା କହିପାରେ ।
ସତରେ ଏକ ବିରଳ ପ୍ରତିଭା! ହେଲେ, ଅର୍ଥ ମନ୍ତ୍ରାଳୟର କୌଣସି ବୈଠକରେ ମୁଁ ଆପଣଙ୍କୁ କେବେହେଲେ ଦେଖିନାହିଁ ।
ଓଃ, ମୁଁ ଜଣେ ସରକାରୀ ସଦସ୍ୟ ଅପେକ୍ଷା ଅଧିକ ମୁକ୍ତବୃତ୍ତି ପରାମର୍ଶଦାତା ।
ଅର୍ଥାତ୍, ଆର୍ଥିକ ପରାମର୍ଶ ଦେବା ଲାଗି ଆପଣଙ୍କର ନା ଯୋଗ୍ୟତା ଅଛି ନା ସରକାରୀ ପଦବୀ ।
ମନ୍ତ୍ରୀଜୀ, ସଂଖ୍ୟାଖେଳରେ ମୁଁ ଜଣେ ଯାଦୁକର! ମୋତେ ଆପଣ ଯାହା କିଛି ପଚାରନ୍ତୁ... ଆରମ୍ଭ କରନ୍ତୁ !
ଠିକ୍ ଅଛି, ଆପଣ ମୋତେ କହିପାରିବେ କି ଜଙ୍ଗଲରେ କେତୋଟି ମଶା ଅଛନ୍ତି ?
ଧଡାକ୍
କି ମୂର୍ଖତାପୂର୍ଣ୍ଣ ପ୍ରଶ୍ନ ଏଇଟା ?!
କେବଳ ଓସ୍ତାଦ୍ ଜ୍ଞାନୀ କାହିଁକି... କେହି ଏହାର ଉତ୍ତର ଦେଇପାରିବେନି ।
ସମ୍ମାନନୀୟ ମହାରାଜ, ଯଦି ଆପଣ ମୋତେ ୧୦୦ ସ୍ୱର୍ଣ୍ଣମୁଦ୍ରା ଦିଅନ୍ତି, ତେବେ ମୁଁ ଆପଣଙ୍କୁ ସଠିକ୍ ସଂଖ୍ୟା କହିପାରିବି ।
ଏଇ ନିଅନ୍ତୁ, ଏବେ ମୋତେ କହନ୍ତୁ ।
ଜଙ୍ଗଲରେ ୮୭,୫୬,୯୪୩ଟି ମଶା ଅଛନ୍ତି ।




*ଓସ୍ତାଦ୍‌ଜୀଙ୍କ ଭଳି, କୌଣସି ଉପଯୁକ୍ତ ଯୋଗ୍ୟତା, ଅନୁମତିପତ୍ର କିମ୍ବା ପଞ୍ଜୀକରଣ ବିନା ଅନେକ ଠକ ଅନ୍‌ଲାଇନ୍‌ରେ ଆର୍ଥିକ ପରାମର୍ଶ ଦିଅନ୍ତି, ତାହା ଦ୍ୱାରା ବିନିଯୋଗକାରୀମାନଙ୍କୁ ବିଭ୍ରାନ୍ତିକର ଏବଂ ପ୍ରତାରଣାପୂର୍ଣ୍ଣ ଯୋଜନା ଆଡ଼କୁ ନେଇଯାଆନ୍ତି । ମନେ ରଖନ୍ତୁ, ଯେ କୌଣସି ବ୍ୟକ୍ତିଙ୍କ ପରାମର୍ଶକୁ ବିଶ୍ୱାସ କରିବା ପୂର୍ବରୁ ତାଙ୍କର ବିଶ୍ୱସନୀୟତା ପରଖି କରିନିଅନ୍ତୁ । ସତର୍କ ଓ ସଚେତନ ରହି 'ଠକେଇକୁ ପାନେ ଦିଅନ୍ତୁ' ।*



# କାର୍ଯ୍ୟକଳାପ

ଗୋଟିଏ ଆର୍ଥିକ ଯୋଜନାରେ ଆପଣଙ୍କର ସହାୟତା କରିବା ଲାଗି  ତିନି ଜଣ ପୁଞ୍ଜିନିବେଶ ପରାମର୍ଶଦାତା ଆପଣଙ୍କ ସହିତ ଯୋଗାଯୋଗ କରନ୍ତି । ହେଲେ, ସେମାନଙ୍କ ମଧ୍ୟରୁ କେବଳ ଜଣେ ହିଁ ବିଶ୍ୱାସଯୋଗ୍ୟ ଏବଂ ସେ ଜାଲିଆତି ମୁକ୍ତ କାରବାର କରିବାରେ ସକ୍ଷମ ହେବେ । ଆପଣ ଅନୁମାନ କରିପାରିବେ କି କେଉଁ ଜଣକ ?







**ଶ୍ରୀଯୁକ୍ତ ପୀୟୂଷ**

- ଏକ ଅଗ୍ରଣୀ ପୁଞ୍ଜିନବେଶ କମ୍ପାନୀରେ ପରିଚାଳକ ବୋଲି ଦାବି କରନ୍ତି
- ତାଙ୍କର 'ସେବି'ରେ ପଞ୍ଜୀକରଣ ସଂପର୍କିତ ନଥିପତ୍ର ପରେ ଦେଖାଇବେ ବୋଲି କହନ୍ତି
- ସୀମିତ ଅବଧି' ପାଇଁ ଉଦ୍ଦିଷ୍ଟ କେତେକ ଆକର୍ଷଣୀୟ ଯୋଜନାର ବିବରଣୀ ଦିଅନ୍ତି
- ତରବର କରନ୍ତି, କାରଣ ସେ ଆପଣଙ୍କୁ ସୁଯୋଗ ହାରାଇବାକୁ ଦେବାକୁ ଚାହାନ୍ତି ନାହିଁ

**ସୁମନ ଶର୍ମା**

- ଆପଣଙ୍କ ଅଞ୍ଚଳରେ ଜଣେ ଆର୍ଥିକ ପରାମର୍ଶଦାତା ରୂପେ କାମ କରନ୍ତି
- ପୁଞ୍ଜି ବିନିଯୋଗ କ୍ଷେତ୍ରରେ ତାଙ୍କର 20 ବର୍ଷର ଅଭିଜ୍ଞତା ରହିଛି ବୋଲି କହନ୍ତି, କିନ୍ତୁ 'ସେବି'ରେ ପଞ୍ଜୀକୃତ ହୋଇନାହିଁ
- କୌଣସି ସରକାରୀ ଭାବେ ସ୍ୱୀକୃତ ୱେବ୍‌ସାଇଟରେ ତାଲିକାଭୁକ୍ତ ହୋଇ ନଥିବା ଯୋଜନାଗୁଡ଼ିକର ପ୍ରଚାର କରନ୍ତି
- ଆପଣଙ୍କ ମନ ଜିଣିବା ଲାଗି ଅନେକ ଅଦରକାରୀ ପ୍ରଶଂସା କରନ୍ତି ଓ ପ୍ରତିଶ୍ରୁତି ଦିଅନ୍ତି

**ରାମୁ କାକା**

- ଗୋଟିଏ ପୁଞ୍ଜିନିବେଶ ପରାମର୍ଶ କମ୍ପାନୀରେ କାମ କରନ୍ତି
- ସେ ତାଙ୍କର ପରିଚୟ ପତ୍ର ଓ 'ସେବି' ପଞ୍ଜୀକରଣ ସଂପର୍କିତ ବିବରଣୀ ଦିଅନ୍ତି
- ଆପଣଙ୍କର ବ୍ୟକ୍ତିଗତ ଏବଂ ଆର୍ଥିକ ଲକ୍ଷ୍ୟ ସଂପର୍କରେ ଆଲୋଚନା କରନ୍ତି
- ଅବାସ୍ତବ ଫାଇଦା ହାସଲ ପ୍ରସ୍ତାବ ଦିଅନ୍ତି ନାହିଁ

**ଉତ୍ତର:** ହଁ, ରାମୁ କାକା। ସତ୍ୟ ପରାମର୍ଶଦାତାମାନେ ସଦା ତାଙ୍କର ପରିଚୟ ଓ ପଞ୍ଜୀକରଣ ସୂଚନା ଦିଅନ୍ତି। ସଂପର୍କିତ ତଥ୍ୟ ପ୍ରଦାନ କରୁଥିବା ବେଳେ ନକଲି ଗୁରୁମାନେ ପ୍ରତାରଣାପୂର୍ଣ୍ଣ ଯୋଜନା ବିକ୍ରି କରିବା ପାଇଁ ପ୍ରାୟତଃ ତୋଷାମଦ ଏବଂ ଅନ୍ୟ କୌଶଳ ଉପଯୋଗ କରନ୍ତି ।